text of the time



# ଗାନ୍ଧୀଙ୍କ ସହ କପେ କଫି



ଶୈଳେନ୍ଦ୍ର ଦ୍ୱିବେଦୀ

EVENTS

# ବ୍ରହ୍ମ ହୁଅ ପରକାଶ

୦୧/୧୧/୨୦୧୪ । ଅପରାହ୍ଣ । ଅଧ୍ୟାପକ ବନ୍ଧୁ ସୌରଭଙ୍କ ନିମନ୍ତ୍ରଣରେ ଫୁଲବାଣୀରୁ ଆମେ ବାହାରିଥିଲୁ ସୁବର୍ଣ୍ଣପୁର । ଆଗରୁ ଯାଇନଥିଲି, କିନ୍ତୁ ସୁବର୍ଣ୍ଣପୁରର ନାନା ମନ୍ଦିର ଏବଂ ଚମତ୍କାର ପରିବେଶ କଥା ଶୁଣିଥିଲି । ଆମ କନ୍ଧମାଳରେ ଗୋଟିଏ ବି ପୁରୁଣା ମନ୍ଦିର ନଥିଲା । ତେବେ ନିକଟବର୍ତ୍ତୀ ବୌଦ୍ଧ ଏବଂ ବିଶେଷ କରି ସୁବର୍ଣ୍ଣପୁର ମନ୍ଦିର ଭାସ୍କର୍ଯ୍ୟ ପାଇଁ ପ୍ରସିଦ୍ଧ ଥିଲେ । ସେଦିନ ସଂଧ୍ୟାରେ ଆଉ ମନ୍ଦିର ବୁଲିବା ସମ୍ଭବ ହୋଇ ନଥିଲା । କିନ୍ତୁ ମହାନଦୀ କୂଳରେ ଆମକୁ ସୁବର୍ଣ୍ଣପୁରର ଇତିହାସ ଉପରେ ସଂକ୍ଷେପରେ କିଛି କହିଥିଲେ ସୌରଭ । ନିକଟସ୍ଥ ରାଜପ୍ରାସାଦ  ଭାଙ୍ଗିରୁଜି ସାରିଥିଲା । ରାଧାକୃଷ୍ଣ ମନ୍ଦିରରେ ମୁଣ୍ଡିଆ ମାରି ନଈ ଘାଟରେ ପହଞ୍ଚିଲା ବେଳକୁ ସବୁ ଶୁନ୍‌ଶାନ ଲାଗୁଥିଲା । ସୌରଭ କହିଲେ, ଏଇଟା ରାଣୀ ଘାଟ । ଲୋକେ କହନ୍ତି, ରାଣୀ ସ୍ନାନ ପାଇଁ ତୁଠକୁ ଯିବା ଆଗରୁ ଡେଙ୍ଗୁରା ପିଟା ହେଉଥିଲା । ପ୍ରାସାଦକୁ ସେ ନ ଫେରିବା ଯାଏଁ ରାମେଶ୍ୱର ତୁଠ ପର୍ଯ୍ୟନ୍ତ କେହି ଗାଧୋଇବା କିମ୍ବା ନଦୀକୁ ଯିବା ନିଷିଦ୍ଧ ଥିଲା । ରାଜାଙ୍କ ସିଂହଦ୍ୱାର ଆଗରେ ଥିବା ଦୁଇଟି ସିଂହ ଭିତରୁ ଗୋଟାଏ ଏକଦମ୍ ଭାଙ୍ଗି ଯାଇଥିଲା । ଅଧା ଅନ୍ଧାର, ଅଧା ଆଲୁଅରେ ଭୁତ କୋଠି ପରି ଦିଶୁଥିଲା ପରିତ୍ୟକ୍ତ ପ୍ରାସାଦ । ରାଜ ପରିବାରର କେହି  ସୁବର୍ଣ୍ଣପୁରରେ ରହୁନଥିଲେ । ଅଧିକାଂଶ ସଂପତ୍ତି ବିକ୍ରି ହୋଇ ସାରିଥିଲା ।

ପରଦିନ ସକାଳେ ସବା ଆଗେ ବାହାରିଥିଲୁ ସୁବର୍ଣ୍ଣମେରୁ ମନ୍ଦିର । ମନ୍ଦିରକୁ ନେଇ ପଢ଼ିଥିବା ଲୋକକଥା ବେଶ୍ ରୋଚକ ଥିଲା । ତେଲ୍ ନଦୀର ଦକ୍ଷିଣ ପଟରେ ଏଇ ମନ୍ଦିରରେ ପୂଜା ପାଉଛନ୍ତି ସୁବର୍ଣ୍ଣମେରୁ ମହାଦେବ । ଶହ ଶହ

ବର୍ଷ ତଳର କଥା । କୁହାଯାଏ ଯେ ବଣିକ ନେଉଳି ସା' ନିଜ ବ୍ୟବସାୟ ସଂକ୍ରାନ୍ତରେ ବଳଦ ଗାଡିରେ ଯାତ୍ରା କଲାବେଳେ ଥରେ ନଦୀ ଆରପଟ ସୁବର୍ଣ୍ଣପାଲିରେ କିଛି ସମୟ ବିଶ୍ରାମ ନେଇଥିଲେ । ଗାଡିରେ ବୋଝେଇ ବଣିକଙ୍କ କିଛି ମାଲ ବସ୍ତା ଛିଣ୍ଡି ଯାଇଥିଲା ଏବଂ ସେ ସବୁକୁ ସିଲେଇ କରିବା ପାଇଁ ସେ ଚାହୁଁଥିଲେ । ବସ୍ତା ସିଲେଇ ପାଇଁ ଡାମ୍ଫଣ ବାହାର କରିବା ପରେ ସେ ଜାଣିଲେ ଯେ ତାକୁ ମୂନ କରିବା ପାଇଁ ପଡିବ । ଅଦୂରରେ ଉପରକୁ ଦିଶୁଥିବା ଏକ ମସୃଣ ପଥରରେ ସେ ଡାମ୍ଫଣ ମୂନ କରିବା ପାଇଁ ଘଷିବା ମାତ୍ରକେ ତାହା ପରିବର୍ତ୍ତିତ ହୋଇଥିଲା ସୁନା ଡାମ୍ଫଣରେ । ଅଜ୍ଞାତରେ ଯେଉଁ ପଥରକୁ ସେ ଛୁଇଁଥିଲେ, ତାହା ଥିଲା ସ୍ୱୟଂ ଲିଙ୍ଗ । ବଣିକ ବିସ୍ମିତ ହେଲେ । କିନ୍ତୁ ସେ ଚତୁର ବ୍ୟବସାୟୀ ମଧ୍ୟ ଥିଲେ । ବିଳମ୍ବ ନକରି ସେଇ ସମୟରେ ତାଙ୍କ ପାଖରେ ଉପଲବ୍ଧ ସବୁତକ ଲୁହା ଜିନିଷକୁ ସେ ବଦଳାଇ ଦେଇଥିଲେ ସୁନାରେ । ସେଥିପାଇଁ ତାଙ୍କୁ ଖୁବ୍ ଅଧିକ କଷ୍ଟ କରିବାକୁ ପଡିନଥିଲା । ଲୁହାକୁ ଯାହା ଥରେ ପଥରରେ ଛୁଆଁଇବା ଆବଶ୍ୟକ ଥିଲା । ବଣିକଙ୍କର ଲୋଭ ବଢିଲା ଏବଂ ସେ ପରଶମଣି ପଥରକୁ ସାଙ୍ଗରେ ନେଇ ଆସିବାପାଇଁ ଆପ୍ରାଣ ଚେଷ୍ଟା କଲେ । ତେବେ ସ୍ୱୟଂ ଲିଙ୍ଗ ଥିଲେ ଅବିଚଳିତ । ବଣିକ ଫେରି ଆସିଲେ । ସେଇ ରାତିରେ ସ୍ୱପ୍ନ ଦେଖିଲେ ଯେ ଭଗବାନ ସୁବର୍ଣ୍ଣମେରୁ ତାଙ୍କୁ ନିର୍ଦ୍ଦେଶ ଦେଉଛନ୍ତି, ତେଲ୍ ନଦୀର ଆର ପାଖରେ ତାଙ୍କ ମନ୍ଦିର ନିର୍ମାଣ କରିବା ପାଇଁ । ନିର୍ଦ୍ଧାରିତ ସମୟରେ ବଣିକ ମନ୍ଦିର ତିଆରି କଲେ ଏବଂ ସୁବର୍ଣ୍ଣମେରୁ କୁଆଡେ ପୁଣି ତାଙ୍କୁ ସ୍ୱପ୍ନାଦେଶ ଦେଲେ ଯେ ସେ ନବନିର୍ମିତ ମନ୍ଦିରକୁ ଆସି ସାରିଛନ୍ତି । ତାଙ୍କ ଶୁଭାଗମନର ପ୍ରମାଣ ଭାବରେ ଅଢେଇ ପ୍ରହର ପର୍ଯ୍ୟନ୍ତ ସୁନା ବର୍ଷା ହେବ । ଲୋକ ମୁଖରେ ପ୍ରଚଳିତ ଯେ ପ୍ରକୃତରେ ସୁନା ମୋହର ବର୍ଷା ହୋଇଥିଲା । ତେବେ ଏହା ଇତିହାସ ନୁହେଁ । ମତ ଭେଦ ରହିଥିଲେ ହେଁ ଅଧିକାଂଶ ଐତିହାସିକଙ୍କ ମତ ଯେ ଏଇ ମନ୍ଦିର ନିର୍ମିତ ହୋଇଥିଲା ଖ୍ରୀଷ୍ଟୀୟ ୧୬୩୦ରୁ ୧୬୬୦ ମଧ୍ୟରେ, ଯାହା ମଦନ ଗୋପାଳ ସିଂହଦେବଙ୍କ ରାଜତ୍ୱ କାଳ ।

ମନ୍ଦିର ବେଢ଼ା ଭିତରେ ସକାଳୁ ସକାଳୁ ଅନେକ ଶ୍ରଦ୍ଧାଳୁ ଥିଲେ । ସେଦିନ କାର୍ତ୍ତିକ ଦଶମୀ ଥିଲା । ପଞ୍ଚୁକ ଆରମ୍ଭର ପୂର୍ବ ଦିନ । ମନ୍ଦିର ବୁଲି ସାରି ନଈ କୂଳକୁ ଆସିଲୁ । ସୌରଭଙ୍କୁ ପଚାରିଲି, କ'ଣ ଠିକ୍ ନଈ ଆରପାରିରୁ ସୁବର୍ଣ୍ଣମେରୁ ଆସିଥିଲେ ? ସୌରଭ ହସିଲେ । କହିଲେ, ସୁବର୍ଣ୍ଣପୁର ଶୈବ, ଶାକ୍ତ, ବୈଷ୍ଣବ,

ବୌଦ୍ଧ ଓ ମହିମା ସଂସ୍କୃତିର ଅପୂର୍ବ ଭୂଇଁ । ଅତୀତରେ ଅନେକ ଶାସକ ଏଠି ରାଜତ୍ୱ କରିଛନ୍ତି-ଭୌମବଂଶୀ, ତେଲୁଗୁ-ଚୋଡ, ସୋମବଂଶୀ, କଲଚୁରୀ, ଗଙ୍ଗ, ଚୌହାନ... । ତେବେ ସୋମବଂଶୀଙ୍କ ଶାସନ(୮୫୦-୧୦୭୦ ଖ୍ରୀଷ୍ଟାବ୍ଦ) ମଧ୍ୟଯୁଗୀୟ ସୋନପୁର ଇତିହାସର ସୁବର୍ଣ୍ଣଯୁଗ ଥିଲା ।

ପରେ ଆମେ ଯାଉଥିଲୁ ସୁରେଶ୍ୱରୀଙ୍କ ମନ୍ଦିର । ବାଟରେ ଥିବା ଏକ ପଦ୍ମ ପୋଖରୀ ଶୁଖି ଆସୁଥିଲା । (ଏ ଜିଲ୍ଲାରେ ଗ୍ରୀଷ୍ମ ଅସହ୍ୟ) ସୁବର୍ଣ୍ଣପୁରର ପ୍ରସିଦ୍ଧ ଶାକ୍ତ ପୀଠମାନଙ୍କ ଭିତରେ ପ୍ରସିଦ୍ଧ ସୁରେଶ୍ୱରୀ, ସ୍ତମ୍ଭେଶ୍ୱରୀ, ଭଗବତୀ, ମାଣିକେଶ୍ୱରୀ ଏବଂ ଲଙ୍କେଶ୍ୱରୀ । ସୁରେଶ୍ୱରୀ ମନ୍ଦିରରେ ପୂଜା ପାଉଛନ୍ତି ଅଷ୍ଟଭୂଜା ମହିଷମର୍ଦ୍ଦିନୀ । ସବୁ ବର୍ଷ ଆଶ୍ୱିନ ଶୁକ୍ଳ ନବମୀରେ ଏଠି ଅନୁଷ୍ଠିତ ହୁଏ ବଳୀ ଯାତ୍ରା, ଯାହା ସ୍ଥାନୀୟ ଅଞ୍ଚଳରେ 'ଗାୟନ ବଳୀ', 'ଡାଙ୍ଗୁଆ ବଳୀ' ଏବଂ 'ମହା ବଳୀ' ନାମରେ ଖ୍ୟାତ । କୁହାଯାଏ ଯେ ସୋମବଂଶୀ ଶାସନକାଳରେ ନବମ ଶତାବ୍ଦୀରେ ସୁବର୍ଣ୍ଣପୁର ଦୂର୍ଗର ଅଧିଷ୍ଠାତ୍ରୀ ଥିଲେ ସୁରେଶ୍ୱରୀ । କିମ୍ବଦନ୍ତୀ ଅନୁଯାୟୀ ସାରା ପୃଥିବୀକୁ କ୍ଷତ୍ରୀୟ ଶୂନ୍ୟ କରିବା ପରେ ପର୍ଶୁରାମ ତାଙ୍କ ଜନନୀଙ୍କ ପରାମର୍ଶ କ୍ରମେ ଯଜ୍ଞାନୁଷ୍ଠାନ ପୂର୍ବକ ଏଇ ମନ୍ଦିର ତିଆରି କରିଥିଲେ । ସେ ମନ୍ଦିର ଆଉ ନାହିଁ । ଏବର ମନ୍ଦିର ନିର୍ମିତ ହୋଇ ଥିଲା ଚୌହାନ ରାଜା ଅଚଳ ସିଂହଙ୍କ ରାଜତ୍ୱ କାଳରେ । ମନ୍ଦିର ଆଗରେ ଥିବା ପୋଖରୀରେ ପଂଝାଏ ବତକ ଖେଳୁଥିଲେ । ସ୍ତମ୍ଭେଶ୍ୱରୀ ମନ୍ଦିର ପହଞ୍ଚିବା ଆଗରୁ ତେଲ୍ ଏବଂ ଇନ୍ଦ୍ରାବତୀର ଅବବାହିକାରେ ଶାକ୍ତ ଉପାସନା ପ୍ରସଙ୍ଗ ଉଠାଇଥିଲେ ସୌରଭ । କହିଲେ, ସୁବର୍ଣ୍ଣପୁରରେ ବାରି ହୋଇ ପଡୁଥିବା ଶାକ୍ତ ସ୍ୱର ସମାନ ଭାବରେ ଗୁଂଜରିତ କଳାହାଣ୍ଡିରେ, ଯେଉଁଠି ଉପାସ୍ୟ ଦେବୀଙ୍କ ଭିତରେ ରହିଛନ୍ତି ରକ୍ତାମ୍ବରୀ, ଲଙ୍କେଶ୍ୱରୀ, ମାଣିକେଶ୍ୱରୀ ଏବଂ ଡାକେଶ୍ୱରୀ । ସୁବର୍ଣ୍ଣପୁରରେ ଲଙ୍କେଶ୍ୱରୀ, ମାଣିକେଶ୍ୱରୀ ଏବଂ ସ୍ତମ୍ଭେଶ୍ୱରୀ (ଖମ୍ଭେଶ୍ୱରୀ)ଅଛନ୍ତି । ଶାକ୍ତ ଉପାସନାର ଆଦ୍ୟ ଚରଣ ଥିଲା କାଠର ସ୍ତମ୍ଭ ବା ଖମ୍ବ । (ଶ୍ରୀଜଗନ୍ନାଥଙ୍କ ଦାରୁ ବିଗ୍ରହ ସହିତ ଏହାର ସଂପର୍କ ରହିଛି ବୋଲି ମତ ଅଛି) ଅନ୍ୟ ଅର୍ଥରେ ଶକ୍ତିର ଉପାସନା ପ୍ରକୃତିର ପୂଜା ହିଁ ଥିଲା । ନବମ ଏବଂ ଦଶମ ଶତାବ୍ଦୀରେ ସୁବର୍ଣ୍ଣପୁରରେ ଶାକ୍ତ ସଂସ୍କୃତି ତାର ଶୀର୍ଷରେ ପହଞ୍ଚି ଥିଲା । ପ୍ରବାଦ ଅଛି ଯେ ରାଜ ପରିବାର ଅନ୍ୟାନ୍ୟ ଦେବୀଙ୍କ ସହିତ ସ୍ତମ୍ଭେଶ୍ୱରୀଙ୍କୁ ରାଜ ପ୍ରାସାଦରେ ପୂଜା ଅର୍ଚ୍ଚନା କରୁଥିଲେ । କିନ୍ତୁ ଦେବୀ ତାହା ସମ୍ଭବ କରାଇ ଦେଲେ ନାହିଁ । ଅଲୌକିକ ଘଟଣା କ୍ରମରେ ରାଜା ବାଧ୍ୟ ହେଲେ ଦେବୀଙ୍କୁ ସହରର ମଧ୍ୟ ସ୍ଥଳରେ ସ୍ଥାପନ

କରିବା ପାଇଁ । ମୂଳ ମନ୍ଦିର ଆଉ ନାହିଁ । ମୁଖଶାଳା ନୂଆ ଭାବରେ ତିଆରି କରାଯାଇଛି । ପଶ୍ଚିମ ଓଡିଶାର ପରିଚିତ ଗବେଷକ ସୁଦାମ ନାୟକ ଲେଖିଛନ୍ତି ଯେ ଏଇ 'ପୀଠରେ ଦୁଇଟି ଲୌହ ନିଷାଣ ଲୁକ୍କାୟିତ ଭାବରେ ରହିଛି । ଆଶ୍ୱିନ ଶୁକ୍ଳ ପକ୍ଷ ନବମୀ ବଳୀ ଯାତ୍ରାରେ ବରୁଆ(କାଳିସୀ) ଯେଉଁଠି ମୁହଁ ଘଷେ, ସେଇଠି ଉଗ୍ର ସ୍ୱର୍ଣ୍ଣ ପ୍ରତିମା ଏବଂ ଲୌହ ନିଷାଣ ଲୁକ୍କାୟିତ ଥିବାର ଅନୁମାନ କରାଯାଏ ।' ଲଙ୍କେଶ୍ୱରୀଙ୍କ ମନ୍ଦିରକୁ ଆମେ ଯାଇ ପାରି ନଥିଲୁ । ମହାନଦୀ ଓ ତେଲ୍ ନଦୀର ସଂଗମରେ, (ସଂଗମ ସ୍ଥଳର ପ୍ରସ୍ଥ ବେଶ୍ ପଶସ୍ତ ) ନଈ କୂଳରେ ଲଙ୍କେଶ୍ୱରୀଙ୍କ ବାବଦରେ ଧାରଣା ଦେଇଥିଲେ ସୌରଭ । କହିଲେ, ସୁବର୍ଣ୍ଣପୁର 'ପଶ୍ଚିମ ଲଙ୍କା' ଭାବରେ ମଧ୍ୟ ଆଲୋଚିତ ଏବଂ ଲଙ୍କେଶ୍ୱରୀ ତନ୍ତ୍ର ଦେବୀ ଭାବରେ ବି ପୂଜିତା । ତେବେ ଅନ୍ୟ ଦେବୀଙ୍କ ପରି ତାଙ୍କର ଆଗରୁ ମନ୍ଦିର ନଥିଲା । ଏକ ପ୍ରକାଣ୍ଡ ଶିଳା ଖଣ୍ଡରେ ପୂଜା ପାଉଥିବା ଲଙ୍କେଶ୍ୱରୀ ନିକଟ ଅତୀତରେ ଉଭୟ ମନ୍ଦିରରେ ଏବଂ ଶିଳାଖଣ୍ଡରେ ପୂଜା ପାଉଛନ୍ତି । ସ୍ଥାନୀୟ କୈବର୍ତ୍ତ ସମାଜ ତୋଳିଛନ୍ତି ଏ ମନ୍ଦିର । ଆମେ ଦୂରରୁ ଦେଖିଥିଲୁ ସେଇ ଆକର୍ଷଣୀୟ ମନ୍ଦିର । ସେଇଠି ସୌରଭ ଆମକୁ 'ପାତାଳୀ ଶ୍ରୀକ୍ଷେତ୍ର' ବିଷୟରେ ବି କହିଥିଲେ । ତ୍ରିକୂଟ ପାହାଡର ପାଦ ଦେଶରେ ୧୪୪ ବର୍ଷ ପୋତା ହୋଇ ରହିବା ପରେ (ରକ୍ତବାହୁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ) ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ବିଗ୍ରହକୁ ଉଦ୍ଧାର କରି ସୋମବଂଶୀ ଶାସକ ଯଯାତି କେଶରୀ ପୁନଃ ପ୍ରତିଷ୍ଠିତ କରିଥିଲେ ପୁରୀରେ । ପ୍ରତ୍ନତତ୍ତ୍ୱ, ବୌଦ୍ଧ, ବୈଷ୍ଣବ ଏବଂ ଶାକ୍ତ ବିଚାର ପାଇଁ ପ୍ରସିଦ୍ଧ କୋଟ ସମଲାଇ ପାହାଡ ସୁବର୍ଣ୍ଣପୁର ଠାରୁ ପାଖାପାଖି ୨୪ କିଲୋମିଟର ।

ଗୋଟାଏ ଦିନରେ ସବୁ ଦେଖିବା ସମ୍ଭବ ନଥିଲା । ତେବେ ଆମେ ଖଲିଆପାଲି ଯିବା ପାଇଁ ସ୍ଥିର କରିଥିଲୁ । ତେବେ ସେଇଠି ପହଞ୍ଚିବା ଆଗରୁ ବୈଦ୍ୟନାଥ ଶିବ ମନ୍ଦିର (କୋଶଳେଶ୍ୱର) ଦେଖେଇବା ପାଇଁ ଆମକୁ ନେଇଥିଲେ ସୌରଭ । ନବମ ଶତାବ୍ଦୀର ଏଇ ମନ୍ଦିର କୋଣାର୍କ, ପୁରୀର ଜଗନ୍ନାଥ ମନ୍ଦିର ଏବଂ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରଠୁ ପ୍ରାଚୀନ । ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିରର ସ୍ଥିତି ଅବଶ୍ୟ ଭଲ ନାହିଁ, କିନ୍ତୁ ଏହାର ଭାସ୍କର୍ଯ୍ୟ ଆକର୍ଷଣୀୟ । ଐତିହାସିକମାନଙ୍କ ମତ ଯେ ଏକ ପ୍ରାଚୀନ ବୌଦ୍ଧ କୀର୍ତ୍ତିର ଅବଶେଷ ଉପରେ ନିର୍ମିତ ହୋଇଛି । ମନ୍ଦିର ଭିତରେ ମିଳନବଦ୍ଧ ଯୁଗଳ ମୂର୍ତ୍ତି, କୀର୍ତ୍ତିମୁଖ, ନାଗସ୍ତମ୍ଭ, ଗଣେଶ ଏବଂ କାର୍ତ୍ତିକେୟଙ୍କ ମୂର୍ତ୍ତି ଚମତ୍କାର ଲାଗୁଥିଲା । ମନ୍ଦିରଠୁ ଅଳ୍ପ ଦୂରରେ ଥିବା ଆଉ ଏକ

ପ୍ରାଚୀନ ମନ୍ଦିର (ମହାକାଳେଶ୍ୱର) ୧୯୬୭ ମସିହା ବନ୍ୟାରେ ତେଲ୍ ନଦୀରେ ଲୀନ ହୋଇ ସାରିଥିଲା । ସୁବର୍ଣ୍ଣପୁର ଛାଡିବା ଆଗରୁ ଆମେ ଯାଇଥିଲୁ ଖଲିଆପାଲି । ସନ୍ଥକବି ଭୀମଭୋଇଙ୍କ ସମାଧି ପୀଠ । ଶୂନ୍ୟ ମନ୍ଦିରରେ ଭିଡ ନଥିଲା । ସ୍ତୁତି ଚିନ୍ତାମଣିର ୨୭ନଂ ବୋଲି ସୌରଭଙ୍କୁ ମନେ ପକାଇବା ଆବଶ୍ୟକ ନଥିଲା । 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ...'। ଭୀମଭୋଇ କେବଳ ମହିମା ଧର୍ମର ପ୍ରବର୍ତ୍ତକ ନଥିଲେ, ସେ ଥିଲେ ଅନନ୍ୟ ଦ୍ରଷ୍ଟା । ଠିକ୍ ସେ କେଉଁଠି ଜନ୍ମ ହୋଇଥିଲେ, ଅନ୍ଧ ଥିଲେ କି ନଥିଲେ ଏବଂ କିପରି ତାଙ୍କର ଦେହାନ୍ତ ହେଲା, ସେସବୁ ଏବେବି ଗବେଷଣା ସାପେକ୍ଷ । କିନ୍ତୁ ଯାହା ବିବାଦର ଯଥେଷ୍ଟ ଉର୍ଦ୍ଧ୍ୱରେ, ତାହା ହେଉଛି ଭୀମ ଭୋଇଙ୍କ ଦୃଷ୍ଟି ଓ ଦର୍ଶନ । ଜାତି ବିହୀନ ସମାଜର ପ୍ରତିଷ୍ଠା, ବାହ୍ୟ ପୂଜା ଅର୍ଚ୍ଚନା ଏବଂ ଉପଚାର ବର୍ଜନ, ନୀତିମୟ ଜୀବନ ଯାପନ, ସାରା ସଂସାର ପାଇଁ ମଙ୍ଗଳ ମନାସିବା-ଶୂନ୍ୟ ବ୍ରହ୍ମଙ୍କୁ ଏକମାତ୍ର ଈଶ୍ୱର ଭାବରେ ଗ୍ରହଣ କରିବା-ଏସବୁ ଭୀମଭୋଇଙ୍କ ସମୟରେ କ୍ରାନ୍ତିଠାରୁ କୌଣସି ଗୁଣରେ ଊଣା ନଥିଲା । ଶୂନ୍ୟକୁ ବ୍ରହ୍ମର ସ୍ୱରୂପ ବୋଲି କହିବା ଏବଂ ଆପଣା ଜୀବନକୁ ନର୍କରେ ପକେଇ ଜଗତ ଉଦ୍ଧାର ପାଇଁ ଚିନ୍ତା କରିବା ଭୀମଭୋଇଙ୍କୁ ଅନନ୍ୟ କରି ରଖିଛି । ଯେଉଁ ପ୍ରତିଷ୍ଠା ତାଙ୍କୁ ଆପଣା ଜୀବନ କାଳରେ ମିଳି ନଥିଲା, ତାହା ମିଳିବା ଆରମ୍ଭ ହୋଇଥିଲା ଢ଼େର୍ ପରେ । ଭୀମଭୋଇ ସଂସାର ସହିତ ସବୁ ଡୋର ଛିଣ୍ଡେଇ ଦେଇ ବି ଗୋଟାପଣେ ଜାବୁଡି ଧରିଥିଲେ ଜଗତକୁ । ଆଶ୍ଳେଷର ସେ ନିବିଡତା ଅନୁଭବ କରି ଦେଉଥିଲା ଶୂନ୍ୟ ମନ୍ଦିରର ବାତାବରଣରେ । ସମାଧି ମନ୍ଦିରର ଠିକ୍ ପଛ ଭାଗରେ ଥିବା ଛୋଟ ମନ୍ଦିରରେ କାଠର ଚେୟାରଟିଏ ପଡିଥିଲା । ଅଖଣ୍ଡ ଦୀପ ଜଳୁଥିଲା । ଶୂନ୍ୟ ମନ୍ଦିରର ସମ୍ମୁଖ ଭାଗରେ ଥିବା ଚାରୋଟି ଛୋଟ ମନ୍ଦିର ତିଆରି ହୋଇଥିଲା ଭୀମଭୋଇଙ୍କର କ୍ଷୀପ୍ରଲିପିକ ମାନଙ୍କ ସ୍ମୃତିରେ । ସେ ଏକ ସମୟରେ କୁଆଡେ ଚାରି ଜଣଙ୍କୁ ଲେଖିବାପାଇଁ ଡାକୁଥିଲେ । ଉପସ୍ଥିତ ଜଣେ ଟ୍ରଷ୍ଟି ଆମକୁ କହିଲେ ଯେ ଆଉ କେଇ ମାସ ଭିତରେ ଏକ ମ୍ୟୁଜିୟମ୍ ତିଆରି ସରିବ, ଯେଉଁଠି ସ୍ଥାନିତ ହେବ ଢ଼େର୍ ପୋଥି ଏବଂ ଭୀମଭୋଇ ବ୍ୟବହାର କରୁଥିବା କିଛି ବ୍ୟକ୍ତିଗତ ସାମଗ୍ରୀ । ପ୍ରାର୍ଥନା ବେଳ ପାଖେଇ ଆସୁଥିଲା । ଟ୍ରଷ୍ଟ ଅଫିସ୍‌କୁ ଆମେ ଆସିଲା ବେଳକୁ ଟେପ୍‌ରେ ବାଜୁଥିଲା ଭୀମଭୋଇଙ୍କର ଏଇ ଭଜନ: 'ବ୍ରହ୍ମ ହୁଅ ପରକାଶ' ।

❑ (ପ୍ରମେୟ: ୪/୫/୨୦୧୫)



Events Publications.
4555 VSS Nagar,
Bhubaneswar- 751007

Non Fiction
Cover: Prakash Mohapatra

ISBN 978-81-908070-1-2